## ସଂକ୍ଷେପରେ

### ୬୮୬ ଆଶାୟୀଙ୍କ ପ୍ରାର୍ଥିପତ୍ର

ଢେଙ୍କାନାଳ ଅଫିସ, ୧୮।୧: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଢେଙ୍କାନାଳ ଜିଲାର ମୋଟ ୬୮୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ସଦର ବ୍ଲକର ୱାର୍ଡମେମ୍ବର ପାଇଁ ୯୧, ସରପଞ୍ଚ ୧୫, ସମିତିସଭ୍ୟ ୧୦ ଏବଂ ଜିଲା ପରିଷଦ ସଭ୍ୟ ପଦବୀ ଲାଗି ଜଣେ ଆଶାୟୀ ଅଛନ୍ତି। ଓଡ଼ାପଡ଼ା ବ୍ଲକର ୧୨୫ ୱାର୍ଡମେମ୍ବର, ୨୦ ସରପଞ୍ଚ, ୯ ସମିତିସଭ୍ୟ, ଗଁଦିଆର ୫୦ ୱାର୍ଡମେମ୍ବର, ୬ ସରପଞ୍ଚ, ୬ ଆଶାୟୀ ସମିତିସଭ୍ୟ ପଦବୀରେ ନାମାଙ୍କନ ଭରିଛନ୍ତି। ଅନୁରୂପ ଭାବେ ହିନ୍ଦୋଳ ବ୍ଲକର ୧୨୪ ୱାର୍ଡମେମ୍ବର, ୧୪ ସରପଞ୍ଚ, ୧୬ ସମିତିସଭ୍ୟ, କାମାକ୍ଷାନଗର ବ୍ଲକରେ ୫୧ ୱାର୍ଡମେମ୍ବର, ୩ ସରପଞ୍ଚ, ୫ ସମିତିସଭ୍ୟ, ଭୁବନ ବ୍ଲକରେ ୩୮ ୱାର୍ଡମେମ୍ବର, ୩ ସରପଞ୍ଚ, ୩ ସମିତିସଭ୍ୟ, ପରଜଙ୍ଗ ବ୍ଲକର ୫୮ ୱାର୍ଡମେମ୍ବର, ୪ ସରପଞ୍ଚ, ୧ ସମିତିସଭ୍ୟ, କଙ୍କଡ଼ାହାଡ଼ ବ୍ଲକର ୨୮ ୱାର୍ଡମେମ୍ବର, ୫ ସରପଞ୍ଚ ପଦବୀ ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୯ ଶିଶୁ ଶ୍ରମିକ ଉଦ୍ଧାର

ଢେଙ୍କାନାଳ ଅଫିସ,୧୮।୧: ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରୁ ମଙ୍ଗଳବାର ୯ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୨ ନାବାଳିକା ଏବଂ ୭ ନାବାଳକ ଅଛନ୍ତି। ଶିଶୁ ମଙ୍ଗଳ ସମିତିରେ କାଉନ୍ସେଲିଂ ପରେ ସମସ୍ତଙ୍କୁ ଓପନ ସେଲ୍ଟର ହୋମ୍‌କୁ ପଠାଇ ଦିଆଯାଇଛି। ଢେଙ୍କାନାଳ ଟାଉନର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଶିଶୁ ଶ୍ରମିକ କାମ କରୁଥିବା ସୂଚନା ମିଳିବା ପରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଶ୍ରମ ବିଭାଗ, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିଶୁ ସୁରକ୍ଷା, ଚାଇଲ୍ଡ ଲାଇନ ପକ୍ଷରୁ ଗୋପାଳ ସାଗର ଏବଂ ହାଉସିଂ ବୋର୍ଡ କଲୋନୀରେ ଚଢ଼ାଉ କରାଯାଇଥିଲା। ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଥିବା ଧରାପଡ଼ିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ପରଲୋକରେ ଶିଳ୍ପପତି ଜିତେନ୍ଦ୍ର



ଢେଙ୍କାନାଳ ଅଫିସ, ୧୮।୧: ଢେଙ୍କାନାଳର ବିଶିଷ୍ଟ ଶିଳ୍ପପତି ଜିତେନ୍ଦ୍ର ପଟ୍ଟନାୟକ (ଜିତୁ)ଙ୍କ ସୋମବାର ବିଳମ୍ବିତ ରାତିରେ ମିନାବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ପରଲୋକରେ ଏମ୍‌ପି ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ସହରରେ ହୋଟେଲ ଶିଳ୍ପ (ସୂର୍ଯ୍ୟ ହୋଟେଲ) ଏବଂ ବିବାହ ମଣ୍ଡପ (ସୂର୍ଯ୍ୟ ମଣ୍ଡପ) ପ୍ରତିଷ୍ଠାରେ ଜିତେନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଥିସହିତ ସେ ସର୍ବଭାରତୀୟ ନର୍ସରି ଆସୋସିଏଶନ ଉପସଭାପତି ଏବଂ ଟ୍ରି ଗ୍ରୋୟର୍ସ ଆସୋସିଏଶନ ସଭାପତି ଥିଲେ। ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ଉପଦେଷ୍ଟା ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିଲେ। ମିନାବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଜିତେନ୍ଦ୍ରଙ୍କ ସମ୍ମାନରେ ମିନାବଜାର ଓ ଜବାହର ଚୌକରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୁନ୍ଦରିଖାଲ ନିକଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ବରିଷ୍ଠ କଳାକାର ଗଗନ ନନ୍ଦଙ୍କ ଦେହାନ୍ତ

ଢେଙ୍କାନାଳ ଅଫିସ,୧୮।୧: ଢେଙ୍କାନାଳର ବରିଷ୍ଠ ମଞ୍ଚ ଅଭିନେତା ଗଗନ ବିହାରୀ ନନ୍ଦଙ୍କ ସୋମବାର ସ୍ଥାନୀୟ ଦେଉଳସାହି ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ସମୟ ନିକଟରେ ପରିବାର ସଦସ୍ୟ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଖାଇରଗଡ଼ା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଗନ ବିହାରୀ ଭାରତୀୟ ଜୀବନ ବୀମା ନିଗମ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ମଞ୍ଚନାଟକରେ ଖଳନାୟକ ଏବଂ ହାସ୍ୟାଭିନେତା ଭାବେ ଅଭିନୟ କରି ସେ ପରିଚିତି ହାସଲ କରିଥିଲେ। ତାଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ୨୦୦୬ରେ ଢେଙ୍କାନାଳ ଜିଲା ମହୋତ୍ସବରେ ତାଙ୍କୁ 'ମହିମା ନାଟ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ୨ୟ ଦିନରେ ୪୮୮ ନାମାଙ୍କନ

ଅନୁଗୋଳ ଅଫିସ/ ବଅଁରପାଳ,୧୮।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଅନୁଗୋଳ ଜିଲାରେ ରାଜନୀତି ସରଗରମ ହୋଇପଡ଼ିଥିବା ବେଳେ ଦ୍ୱିତୀୟ ଦିନରେ ମୋଟ୍ ୪୮୮ ଜଣ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୱାର୍ଡମେମ୍ବର ପଦବୀ ପାଇଁ ମୋଟ୍ ୩୯୩ ପ୍ରାର୍ଥିପତ୍ର ପଡ଼ିଛି। ଅନୁଗୋଳ ବ୍ଲକରୁ ୭୫ ଜଣ, ବଅଁରପାଳ ବ୍ଲକରୁ ୩୫, ଛେଣ୍ଡିପଦା ବ୍ଲକରୁ ୩୭, ତାଳଚେର ବ୍ଲକରୁ ୧୦୪, କଣିହାଁ ବ୍ଲକରୁ ୪୦, ଆଠମଲ୍ଲିକ ବ୍ଲକରୁ ୩୩, କିଶୋରନଗର ବ୍ଲକରୁ ୩୧ ଓ ପାଲଲହଡା ବ୍ଲକରୁ ୩୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ସରପଞ୍ଚ ପଦବୀ ନିମନ୍ତେ ମୋଟ୍ ୪୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୭ ଜଣ, ବଅଁରପାଳ ବ୍ଲକରୁ ୫, ଛେଣ୍ଡିପଦା ବ୍ଲକରୁ ୩, ତାଳଚେର ବ୍ଲକରୁ ୧୨, କଣିହାଁ ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୭, କିଶୋରନଗର ବ୍ଲକରୁ ୩ ଓ ପାଲଲହଡା ବ୍ଲକରୁ ୪ ଜଣ ରହିଛନ୍ତି। ସମିତି ସଭ୍ୟ ପଦବୀ ପାଇଁ ୪୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନୁଗୋଳ ବ୍ଲକରୁ ୮ ଜଣ, ବଅଁରପାଳ ବ୍ଲକରୁ ୪, ଛେଣ୍ଡିପଦା ବ୍ଲକରୁ ୨, ତାଳଚେର ବ୍ଲକରୁ ୨୬, କଣିହାଁ ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୧, କିଶୋରନଗର ବ୍ଲକରୁ ୨ ଓ ପାଲଲହଡା ବ୍ଲକରୁ ଜଣେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ପ୍ରଥମ ଦିନ ପରି ଦ୍ୱିତୀୟ ଦିନରେ ଜିଲା ପରିଷଦ ପଦବୀ ପାଇଁ କୌଣସି ନାମାଙ୍କନପତ୍ର ଦାଖଲ ହୋଇ ନ ଥିବା ଜିଲା ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ ପ୍ରକାଶ କରିଛନ୍ତି।

### ପ୍ରାର୍ଥିପତ୍ର ଭରିଲେ ବ୍ଲକ ଅଧ୍ୟକ୍ଷଙ୍କ ସ୍ତ୍ରୀ



ଅନୁଗୋଳ ଅଫିସ,୧୮।୧: ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ସ୍ତ୍ରୀ ନଳିନୀ ପ୍ରଭା ଦେହୁରୀ ନନ୍ଦପୁର ପଞ୍ଚାୟତ ସମିତି ସଭ୍ୟ ପଦବୀ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗତ ନିର୍ବାଚନରେ ମଧ୍ୟ ସେ ଏହି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ନଳିନୀପ୍ରଭା ଉକ୍ତ ପଦବୀର ଜଣେ ଦୃଢ଼ ଦାବିଦାର ବୋଲି ଚର୍ଚ୍ଚା ହେଉଛି।

### ରାଜନୀତି ପାଇଁ ଛାଡ଼ିଲେ ଚାକିରି

ବନ୍ତଲା,୧୮।୧ (ଡି.ଏନ.ଏ.): ବିଟେକ୍ ଇଞ୍ଜିନିୟରିଂ କ୍ୟାରିୟର ଛାଡ଼ି ଅନୁଗୋଳ ବ୍ଲକ ପୋକତୁଙ୍ଗା ପଞ୍ଚାୟତରୁ ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ସୁଜିତ ମହାଲିକ। ପୋକତୁଙ୍ଗା ପଞ୍ଚାୟତ ସରପଞ୍ଚ ପଦବୀ ଚଳିତବର୍ଷ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଥିବାରୁ ସୁଜିତ ଏହାର ସୁଯୋଗ ନେବାକୁ ପ୍ରାର୍ଥିପତ୍ର ଦାଖଲ କରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କଂଗ୍ରେସ ପକ୍ଷରୁ ଜିଲାପରିଷଦ ପ୍ରାର୍ଥୀ ଘୋଷଣା

ଅନୁଗୋଳ ଅଫିସ, ୧୮।୧

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ଅନୁଗୋଳ ଜିଲାର ମୋଟ୍ ୨୮ଟି ଜିଲା ପରିଷଦ ଜୋନ୍ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ୧ନଂ. ଜୋନ୍‌ରୁ ପ୍ରିୟଙ୍କା ସାହୁ, ୨ନଂ. ଡଲି ନାଏକ, ୩ନଂ. ନିରୋଦ କୁମାର ସାହୁ, ୪ନଂ. ଭାସ୍କର ଚନ୍ଦ୍ର ପ୍ରଧାନ, ୫ନଂ. ସୁରେନ୍ଦ୍ର ସାହୁ, ୬ନଂ. ଶ୍ରୀକାନ୍ତ ଘୋଟା, ୭ନଂ. କବିତା ପ୍ରଧାନ, ୮ନଂ. ଦିଲୀପ କୁମାର ବେହେରା, ୯ନଂ. ସୁଲୋଚନା ସାହୁ, ୧୦ନଂ. ସୁଭଦ୍ରା ନାଏକ, ୧୧ନଂ. ଗୀତାଞ୍ଜଳି ପ୍ରଧାନ, ୧୨ନଂ. ସୁରୁଚି ପ୍ରଧାନ, ୧୩ ନଂ. ପ୍ରିୟଙ୍କ ସ୍ୱାଇଁ, ୧୪ନଂ. ଅଜୟ କୁମାର ବେହେରା, ୧୫ନଂ. ପ୍ରିୟବ୍ରତ ନାୟକ, ୧୬ନଂ. ଦିଲେଶ୍ୱର ପ୍ରଧାନ, ୧୭ନଂ. ଲୋପିତା ରାଣୀ ସାହୁ, ୧୮ନଂ. ଡାକ୍ତର ମହାନ୍ତି, ୧୯ନଂ. ଜୋନ୍‌ରୁ ଗିରିଜା ଶଙ୍କର ମିଶ୍ର, ୨୦ନଂ. ଜିତେଶ୍ୱରୀ ଧର, ୨୧ନଂ. ରାଜଲକ୍ଷ୍ମୀ ପଟ୍ଟନାୟକ, ୨୨ନଂ. ମଙ୍ଗଳସିଂ ପୃଷ୍ଟି, ୨୩ନଂ. ଫୁଲମଣି ମୁଣ୍ଡା, ୨୪ନଂ. ବିମଳ ସିଙ୍କୁ, ୨୫ନଂ. ତ୍ରିନାଥ ପ୍ରଧାନ, ୨୬ନଂ. ଜୋନ୍‌ରୁ ପଦ୍ମିନୀ ନାଏକ, ୨୭ନଂ. ଜୋନ୍‌ରୁ ବିକ୍ରମ ନାଏକ ଓ ୨୮ ନଂ. ଜୋନ୍‌ରୁ ରଶ୍ମିତା ଦେହୁରୀଙ୍କୁ ପ୍ରାର୍ଥୀ କରାଯାଇଥିବା ଜିଲା ସଭାପତି ବିପ୍ଳବ ଜେନା ସୂଚନା ଦେଇଛନ୍ତି।

## ଆଚରଣ ସଂହିତା କଡ଼ାକଡ଼ି ଉପରେ ଗୁରୁତ୍ୱ

ତାଳଚେର,୧୮।୧(ନି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ଓ ନିର୍ଦ୍ଦେଶାବଳୀର ପରିଚାଳନା ସହ ଆଚାର ସଂହିତା ପାଳନ ସମ୍ବନ୍ଧୀୟ ଏକ ବୈଠକ ସୋମବାର ତାଳଚେର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ ଏବଂ ସମସ୍ତ ଥାନା ଆଇଆଇସି ଯୋଗ ଦେଇଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଗାଇଡଲାଇନକୁ କଠୋର ଭାବେ ପାଳନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କୋଭିଡ୍ କଟକଣାକୁ ବିଭିନ୍ନ ସ୍ଥାନରେ ଅନୁସରଣ କରାଯାଉଛି କି ନାହିଁ ତାହା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ନିମନ୍ତେ ଲଗାଯାଇଥିବା ଫ୍ଲେକ୍ସ ଏବଂ ହୋର୍ଡିଂ ଗୁଡ଼ିକ ଦୁଇ ଦିନ ମଧ୍ୟରେ ହଟାଇବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

### ବିଜେଡିରେ ମିଶିଲେ ଏସ୍‌ଟି ମୋର୍ଚ୍ଚା ସଭାପତି



ପରଜଙ୍ଗ, ୧୮।୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ଜୋନ୍-୧ ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତି ତଥା କଙ୍କଡ଼ାସୋଡ଼ା ପଞ୍ଚାୟତର ଜଣାଶୁଣା ନେତା ନୀଳମାଧବ ସିଂ ଏବଂ ଭଜମନ ଦାସ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କ ଡିହଡୋଳସ୍ଥିତ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ଉଭୟେ ନିଜର ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେଡିରେ ମିଶିଛନ୍ତି। ଯୁବନେତା ଅସିତ୍ କୁମାର ରାୟଚୌଧୁରୀ ସମସ୍ତଙ୍କୁ ଦଳୀୟ ପତାକା ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପବିତ୍ର ସାହୁ, ବ୍ଲକ ବିଜେଡି ସଭାପତି ସୁବ୍ରତ ଦାସ, ପଞ୍ଚାୟତ ସଭାପତି ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୫ ଗିରଫ

ଅନୁଗୋଳ ଅଫିସ,୧୮।୧

ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସଦର ଥାନା ବଲସିଙ୍ଗା ପଞ୍ଚାୟତ ପଣ୍ଡପୁରରେ ଚଢ଼ାଉ କରାଯାଇ ସୁଦାମ ସାମଲ(୪୭)ଙ୍କ ଠାରୁ ୧୭ କୁଇଣ୍ଟାଲ ୧୦ କେଜି ମହୁଲ ଜବତ କରାଯାଇଛି। ଏଥିସହିତ ନଂ ୧୮୯/୨୨ ମାମଲାରେ ସୁଦାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେହିପରି ଅନୁଗୋଳ ସଦର ଓ ନାଲ୍‌କୋ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ବେଣାଗାଡ଼ିଆର ପଣ୍ଟୁ ପ୍ରଧାନ, ନାଲ୍‌କୋ ଥାନା କନିଆବେଡାର ଡି. ବେହେରା, ସଜନୀ ବେହେରା ଓ ନାଲ୍‌କୋହଟିଂର ସୁନାମଣି ସୋରେନ। ସେମାନଙ୍କଠାରୁ ମୋଟ୍ ୪୪ ଲିଟର ଦେଶୀ ମଦ ଜବତ କରାଯାଇଛି।

## କୌଶଳ ବିକାଶ ଦିବସ

ବନ୍ତଲା,୧୮।୧(ଡି.ଏନ.ଏ.)




ଅନୁଗୋଳ ବ୍ଲକ ଅନନ୍ତପାଲି ଗ୍ରାମ ବାଉଁଶ ହସ୍ତଶିଳ୍ପ ତାଲିମ କେନ୍ଦ୍ର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡୋଭ୍ ଏବଂ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ପକ୍ଷରୁ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ଜାତୀୟ ଯୁବ ସପ୍ତାହ ଅବସରରେ କୌଶଳ ବିକାଶ ଦିବସ ପାଳନ କରାଯାଇଛି। ଅତିଥି ଭାବେ ଡୋଭ୍ ସମ୍ପାଦକ ଅନିଲ କୁମାର ମିଶ୍ର, ହସ୍ତଶିଳ୍ପ କେନ୍ଦ୍ରର ମେନକା ପ୍ରଧାନ, ବିନୟ କୁମାର ସାମଲ, ଯୁବକେନ୍ଦ୍ରର ସିଧୁସାଗର ବାରିକ ଏବଂ ଅବିନାଶ କୁମାର ଧଳ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ରୋଜଗାର ଅଭିବୃଦ୍ଧି, ଦକ୍ଷତା ବୃଦ୍ଧି ଦ୍ୱାରା ଆତ୍ମନିଯୁକ୍ତି ଏବଂ ବିଭିନ୍ନ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଲୋକ ଲୋଚନକୁ ଆଣିବା ଏହି ଦିବସର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା। ଡୋଭ ପରିଚାଳକ ବିନୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ଭାଜପା ପକ୍ଷରୁ ନୀରବ ପ୍ରାର୍ଥନା

ମାଧପୁର,୧୮।୧

ଆଠମଲ୍ଲିକ ଭାଜପା ପକ୍ଷରୁ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଧରିତ୍ରୀ'ର ଆଠମଲ୍ଲିକ ବ୍ଲକ ଖବରଦାତା ଜୟଗୋପାଳ ଷଡ଼ଙ୍ଗୀଙ୍କ ପରଲୋକକୁ ନେଇ ଶୋକବ୍ୟକ୍ତ କରାଯିବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅନ୍ୟ ଦଳର ବହୁ ସଦସ୍ୟ ଭାଜପାରେ ଯୋଗ ଦେଇଥିଲେ। ଆଇନଜୀବୀ ଭବାନୀ ଶଙ୍କର ଜ୍ୟୋତିଷରାୟ, ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ସଞ୍ଜୀବ କୁମାର ସାହୁ, ନଗର ସଭାପତି ଅବନୀ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ



ନୂତନ କର୍ମୀଙ୍କୁ ବିଜେଡି କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

ଅନୁଗୋଳ ଅଫିସ,୧୮।୧

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅନୁଗୋଳ ବ୍ଲକ ଗଡ଼ତରାସ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ମଙ୍ଗଳବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଯୁବ ନେତା ଅରୁଣାଭ ସିଂହ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ଜିଲା ବିଜେଡି ସମ୍ପାଦକ ଭାଗୀରଥି ମାଝି ଓ ବନ୍ତଲା ସରପଞ୍ଚ ହରିହର ସାହୁଙ୍କ ଉପସ୍ଥିତିରେ ସମ୍ପୃକ୍ତ କର୍ମୀମାନେ ବିଜେଡିରେ ଯୋଗ ଦେଇଥିଲେ। ସେହିପରି ଛେଲିଆପଡା ପଞ୍ଚାୟତର ପୁରୁଖା ଭାଜପା ନେତା ଅଜୟ ସାହୁ ଅନୁଗୋଳ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ବିଜେଡିରେ ଯୋଗ ଦେଇଥିଲେ। ଜିଲା ବିଜେଡି ସଭାପତି ମହେନ୍ଦ୍ର ବଡ୍‌ତିଆ, ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ବ୍ୟାପିଲା ସଂକ୍ରମଣ

### କେବଳ ପୌରାଞ୍ଚଳରୁ ୮୧ ଆକ୍ରାନ୍ତ ଚିହ୍ନଟ

ଢେଙ୍କାନାଳ ଅଫିସ, ୧୮।୧



ଢେଙ୍କାନାଳରେ କରୋନା ସଂକ୍ରମଣ ଗତି ତୀବ୍ର ହୋଇଛି। ସପ୍ତାହେ ଧରି ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଅଙ୍କରେ ସୀମିତ ରହୁଥିବାବେଳେ ଗତ ୨୪ ଘଣ୍ଟାରେ ୧୫୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ଦ୍ୱିଶତକ ମୁହାଁ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ଚିନ୍ତା ବଢ଼ିଛି।ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଢେଙ୍କାନାଳ ପୌରାଞ୍ଚଳର ୮୧ଜଣ ରହିଛନ୍ତି। ସେହିପରି ଓଡ଼ାପଡ଼ା ବ୍ଲକରୁ ୨୫, ଭୁବନ ବ୍ଲକରୁ ୬ ଓ ଏନ୍ଏସିରୁ ୩, କାମାକ୍ଷାନଗର ବ୍ଲକରୁ ୩ ଓ ଏନ୍ଏସିରୁ ୧, ସଦର ବ୍ଲକରୁ ୧୨, ଗଁଦିଆ ବ୍ଲକରୁ ୯, ହିନ୍ଦୋଳ ବ୍ଲକରୁ ୬, ପରଜଙ୍ଗ ବ୍ଲକରୁ ୭ ଏବଂ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ୪ ଜଣ ରହିଛନ୍ତି। ମୋଟ୍ ୧ ହଜାର ୭୧୮ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବାବେଳେ ୧୭୫ କରୋନା ସଂକ୍ରମିତ ବାହାରିଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ୍ ସଂଖ୍ୟା ୨୦ ହଜାର ୭୧୪ରେ ପହଞ୍ଚିଛି। ସେହିପରି ୩୮ଜଣ ସୁସ୍ଥ ହୋଇଛନ୍ତି। ଏହାପରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫୭୪କୁ ବୃଦ୍ଧି ପାଇଛି। ଅନ୍ୟପଟେ ସହରାଞ୍ଚଳରେ ଏଭଳି ହଠାତ୍ ସଂକ୍ରମଣ ବୃଦ୍ଧି ଭୟର ବାତାବରଣ ସୃଷ୍ଟି କରିଛି। ଘରେ ଘରେ ଥଣ୍ଡା, କାଶ ଏବଂ ଜ୍ୱର ଆକ୍ରାନ୍ତ ରୋଗୀ ଅଛନ୍ତି। ଅନେକେ ଭୟରେ ପରୀକ୍ଷଣ କରୁନାହାନ୍ତି। ଫଳରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି।

### ୧୩୯ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ୍,୧୮।୧: ଅନୁଗୋଳ ଜିଲାରୁ ମଙ୍ଗଳବାର ପୁଣି ଶତାଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଲଗାତର ଭାବେ ଦୈନିକ ସଂକ୍ରମଣ ଏବେ ଜିଲାରେ ଶହେ ଉପରେ ରହୁଛି। ନୂଆ ଚିହ୍ନଟ ୧୩୯ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୫ ହଜାର ୫୩୩ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଞ୍ଚଳରୁ ୨୯ଜଣ, ତାଳଚେର ବ୍ଲକ ଅଞ୍ଚଳରୁ ୨୮, ଅନୁଗୋଳ ପୌରାଞ୍ଚଳରୁ ୨୧, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୭, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୧, ପାଲଲହଡା ବ୍ଲକ ଅଞ୍ଚଳରୁ ୧୧, ତାଳଚେର ପୌରାଞ୍ଚଳରୁ ୮, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫, ଆଠମଲ୍ଲିକ ବ୍ଲକ୍ ଅଞ୍ଚଳରୁ ୪, କଣିହାଁ ବ୍ଲକ ଅଞ୍ଚଳରୁ ୩ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ୨ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଜରୁରୀ ହେଲେ କପିଳାସ ଆସିବ ଅସୁସ୍ଥ ହାତୀ

ଢେଙ୍କାନାଳ ଅଫିସ, ୧୮।୧



ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଖେସରା ଜଙ୍ଗଲରେ ଅସୁସ୍ଥ ହୋଇପଡ଼ିଥିବା ଆନୁମାନିକ ୬ବର୍ଷର ଏକ ମାଈ ହାତୀକୁ ରବିବାର ଟ୍ରାଙ୍କୁଲାଇଜ୍ କରି ବନ ବିଭାଗ ଚିକିତ୍ସା କରୁଛି। ଆବଶ୍ୟକ ପଡ଼ିଲେ ଉକ୍ତ ହାତୀକୁ କପିଳାସ ପ୍ରାଣୀ ଉଦ୍ୟାନସ୍ଥିତ ହାତୀ ରେସକ୍ୟୁ ସେଣ୍ଟରକୁ ଅଣାଯାଇ ଚିକିତ୍ସା କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଦଳ ପରିତ୍ୟାଗ କରି ଆମ୍ବପଳାସ ଅଞ୍ଚଳରେ ବୁଲୁଥିବା ଉକ୍ତ ହାତୀଟି ଖାଦ୍ୟ ଖାଇବା ସମୟରେ ଏହାର ପାଟିରେ ଆଘାତ ଲାଗିଛି। ସଂକ୍ରମଣ ଗୁରୁତର ହୋଇପଡ଼ିଥିବାରୁ ସେ ଖିଆପିଆ କରି ନ ପାରି ଅତିମାତ୍ରାରେ ଦୁର୍ବଳ ହୋଇପଡ଼ିଛି। ତେବେ ବିସ୍ଫୋରକ ସାମଗ୍ରୀ ଖାଇ ହାତୀଟିର ଏଭଳି ଅବସ୍ଥା ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଡିଏଫ୍‌ଓ ଏହାକୁ ଅସ୍ୱୀକାର କରିଛନ୍ତି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁ ସଦଳବଳ ହାତୀଟିର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କପିଳାସ ପ୍ରାଣୀ ଉଦ୍ୟାନ ଚିକିତ୍ସକ ଡା. ଅସିତ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ବିଶେଷଜ୍ଞମାନେ ଅସୁସ୍ଥ ହାତୀର ଚିକିତ୍ସା କରୁଛନ୍ତି।

### ଭାଜପାର ମିଶ୍ରଣ ପର୍ବ



ଛେଣ୍ଡିପଦା,୧୮।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳାଠାରେ ଭାଜପାର ଏକ ମିଶ୍ରଣ ପର୍ବ ମଣ୍ଡଳ ସଭାପତି ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଅଜିତ ପ୍ରଧାନ, ଅକ୍ଷୟପାଦ ବେହେରା, ଋଷଭ ବେହେରା ପ୍ରମୁଖ ଯୋଗଦେଇଥିଲେ। କୋଶଳା ପଞ୍ଚାୟତର ବହୁ ଅନ୍ୟଦଳର କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଳ ରାଉଳ, ଟୁନା ପ୍ରଧାନ, ବିଭୂତି ଭୂଷଣ ସାହୁ, ଚିତ୍ତରଞ୍ଜନ ସାହୁ, ଚିକୁ ସାହୁ, ଦିଗାମ୍ବର ସେଠୀ, ଗୋବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ବଉଣ୍ଡା,୧୮।୧ (ଡି.ଏନ.ଏ.)

କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ନୂଆଁଭୂଇଁ ନିକଟରେ ମଙ୍ଗଳବାର ହଣ୍ଡପା ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକର କାଗଜପତ୍ର , ହେଲମେଟ, ଲାଇସେନ୍ସ, ସିଟ୍ ବେଲ୍ଟ ଯାଞ୍ଚ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ମାସ୍କ ଯାଞ୍ଚ କରାଯାଇ ୧୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## ଟିକାକରଣ ସଚେତନତା ରଥ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୧୮।୧

ବଅଁରପାଳସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଟିକାକରଣ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଶଙ୍କର୍ଷଣ ଗାହାଣ ସବୁଜ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୫୦ରୁ ଅଧିକ ଏଏନ୍‌ଏମ୍, ଆଶାକର୍ମୀ, ବିପିଏମ୍, ହେଲ୍‌ଥ ୱାର୍କର, ପ୍ଲାନ ଇଣ୍ଡିଆର ଜିଲା ସଂଯୋଜକ ସଞ୍ଜିତ ପଟ୍ଟନାୟକ, ବ୍ଲକ ସଂଯୋଜିକା କଳ୍ପନା ସାହୁ ଏବଂ ସହକର୍ମୀମାନେ ଉପସ୍ଥିତ ଥିଲେ। ଏକ ବୈଠକରେ ଟିକାକରଣର ସମୀକ୍ଷା କରାଯାଇଥିଲା। ଗ୍ରାମାଞ୍ଚଳରେ ଟିକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଇ ପ୍ଲାନ ଇଣ୍ଡିଆ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ପ୍ରତି ଗାଁ ବୁଲି ଜନସଚେତନତା ସୃଷ୍ଟି କରିବାର ପ୍ରୟାସ କରିବ। ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗାହାଣ, ବିପିଏମ୍ ସାହୁ କହିଥିଲେ।



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୧୮।୧

ରାଜ୍ୟ ଘରୋଇ ବିଦ୍ୟାଳୟ ସଂଘର ଆହ୍ୱାନ କ୍ରମେ ଅନୁଗୋଳ ଜିଲା ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ସୁଶାନ୍ତ ତ୍ରିପାଠୀଙ୍କ ଆବାହକତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଘରୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ, କରୋନା ପୂର୍ବରୁ ସିଓଆର୍ ଓ ଏନ୍‌ଓସି ପାଇଥିବା ବିଦ୍ୟାଳୟଗୁଡ଼ିକର ସ୍ୱୀକୃତି ୫ ବର୍ଷକୁ ବୃଦ୍ଧି, ବିନା ଟିସିରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପୁନର୍ବାର ଟିସି ଦେବା ନିମନ୍ତେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଅଜିତ ମିଶ୍ର, ରାମାନନ୍ଦ ପଣ୍ଡା, କ୍ଷମାସିନ୍ଧୁ ସାହୁ, ଆଶିଷ ରଞ୍ଜନ ପ୍ରଧାନ, ସୁଶାନ୍ତ କୁମାର ସାହୁ, କୈବଲ୍ୟ କୁମାର ବାଡ଼ିଆ, ମନୋରଞ୍ଜନ ଗଡ଼ନାୟକ, ଅନିଲ ଦାସ, ବୀରେନ୍ଦ୍ର ଚୌଧୁରୀ, ଚାରୁଶ୍ରୀ ମିଶ୍ର, ଚଗଲା ଗଡ଼ନାୟକ, ସୁଧାକର ଦେହୁରୀ, ମହେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଘର ଭାଙ୍ଗିଦେଲେ ହାତୀପଲ

ବଅଁରପାଳ,୧୮।୧ (ଡି.ଏନ.ଏ.)

ବଅଁରପାଳ ବ୍ଲକ ଜୁହାରପୁର ଗ୍ରାମରେ ସୋମବାର ରାତିରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଲୋକମାନଙ୍କ ଘରେ ପଶି ଧାନ ଚାଉଳ ଖାଇବା ସହ ଗ୍ରାମର ସିପୁନ ବେହେରା ଓ ଜନକ ବେହେରାଙ୍କ ୨ ବଖରା ଲେଖାଏ ଘରକୁଭାଙ୍ଗିଦେଇଛନ୍ତି। ହାତୀପଲକୁଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି।

